# Akashvani, Sambalpur

## SAMBALPURI NEWS EVENING BULLETIN
## 11.3.2025- 7.02 pm- 7.12 pm.

*********************************************

୧- ବିଧାନସଭା ନ ଗୃହୀତ୍ ହେଲା ରାଜସ୍ୱ ଆଉ ପରିଚାଳନା ବିଭାଗର ୧ ହଜାର ୯ ଶହ କୋଟିନୁ ଅଏତ୍କା ଟଙ୍କାର୍ ଖର୍ଚ୍ଚା ଦାବି ।

୨- ବିଶୃଙ୍ଖଳିତ ଆଚରଣ ଲାଗି ବିଧାୟକ ତାରା ପ୍ରସାଦ ବାହିନୀ ପତି ୭ ଦିନ୍ ଲାଗି ବିଧାନସଭାନୁ ନିଲମ୍ବିତ୍ ।

୩- ରାଏଜେ ଆଏଜ୍ଠାନୁ ମୁଲ୍ ହେଲା ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ।

ଆଉର୍

୪- ଭାଷା ସାହିତ୍ୟକେ ଆଏବା ପିଢ଼ିର୍ ଲାଗି ସୁରକ୍ଷିତ୍ ରଖ୍ବାର୍କେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ଅବ୍ସରେ ରାଜ୍ୟପାଳଙ୍କର ଆହ୍ୱାନ୍ ।

ବିଧାନସଭା -୧     ଭୁବନେଶ୍ୱର ସମ୍ବାଦଦାତା

ବିଧାନସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର ଖେପ୍‌ର ୩ ନମ୍ବର ଦିନେ ଆଏଜ୍ ଶାସକ୍ ଆଉ ବିରୋଧୀ ଦଲର୍ ସଦସ୍ୟମାନଙ୍କର୍ ଭିତ୍‌ରେ କିର୍ଲାଗଗା ହେବାର୍‌ନୁ ଗୃହକାର୍ଯ୍ୟ ବାର୍‌ବାର୍ ପ୍ରଭାବିତ୍ ହେଇଥିଲା । ଥିତି ସେନ୍ତା ଲାଗି ରହିଥିବାର୍‌ନୁ ବାଚସ୍ପତୀ ସୁରମା ପାଢ଼ୀ ଗୃହକାର୍ଯ୍ୟକେ ଉପରବେଲା ୪ ବଜେତକ୍ ମୁଲତବୀ ରଖିଥିଲେ । ଉପର୍‌ବେଲା ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାଏର୍ ଫେର୍‌ଘାଏ କିର୍ଲାଗଗା ଲାଗି ରହିଥିଲା । ତାର୍ ଭିତ୍‌ରେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା ହେଇଥିଲା । ଇ ସମିଆଥି ବିଭାଗର ୧ ହଜାର ୯ ଶହ କୋଟିନୁ ଅଏତ୍‌କା ଟଙ୍କାର ଖର୍ଚ୍ଚା ଦାବି ମଞ୍ଜୁରୀ ମିଲିଥିଲା ।

ଆଏଜ୍ ସଖାଲ୍ ବେଲ୍ ପ୍ରଶ୍ନକାଲ୍ ମୁଲ୍ ହଉନ୍ ସାଏର୍ କଂଗ୍ରେସ୍ ଆଉ ବିଜେଡି ସଦସ୍ୟମାନେ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ଗୃହନ ହୋହାଲ୍ଲା କରିଥିଲେ । ହେଲେ ବିରୋଧୀମାନଙ୍କର ରଡ଼ାକିର୍ଲାଥି ଭିଲ୍ ପ୍ରଶ୍ନଉତର କାର୍ଯ୍ୟକ୍ରମ୍ ଚାଲିଥିଲା ।

ବିଧାନସଭା     ଭୁବନେଶ୍ୱର ସମ୍ବାଦାତା

ବିଧାନସଭାନ ବିଶୃଙ୍ଖଳିତ୍ ଆଚରଣ ଲାଗି କଂଗ୍ରେସର ବରିଷ୍ଠ ବିଧାୟକ୍ ତାରା ପ୍ରସାଦ ବାହିନୀ ପତିଙ୍କୁ ବାଚସ୍ପତୀ ସୁରମା ପାଢ଼ୀ ୭ ଦିନ୍ ତକ୍ ବିଧାନସଭାନୁ ନିଲମ୍ବନ୍ କରିଛନ୍ । ସେଆଡ଼େ ତାରା ପ୍ରସାଦ ବାହିନୀ ପତିଙ୍କର ଉପରେ ଇ କାର୍ଯ୍ୟାନୁଷ୍ଠାନ୍‌କେ କଂଗ୍ରେସ ବିଧାୟକମାନେ ବିରୋଧ କରି କରି ବାଚସ୍ପତିଙ୍କର ପୋଡ଼ିୟମ୍ ତଲେ ଧାରଣା ଦେଇଥିଲେ ।

ବିଧାନସଭା-୨ ହି.ସ.

ରାଏଜେ ୫ ହଜାର ଶହେ ୯୭ ଟା ଗାଁ ଆଉ ପଡ଼ା ଗାଁକେ ରାସ୍ତା ତିଆର୍ କର୍‌ବାର ଲାଗି ସର୍ଭେ କରାଯାଉଛେ ବଲି ପଂଚାୟତି ରାଜ ଆଉ ପାନୀୟ ଜଲ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ । ବିଧାନସଭା ନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର ଉତରଥି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍, ଇ ବଛର୍ ଗ୍ରାମ ପଂଚାୟତ୍ ଆଉ ପଂଚାୟତ୍ ସମିତିମାନଙ୍କର ତର୍‌ଫୁ ରାସ୍ତା ନାଇଥିଲା ଗାଁମାନକୁ ଚିହ୍ନଟ୍ କରାଯାଇଛେ ଆଉ ସରକାରଙ୍କର ସଡ଼କ ଯୋଜ୍‌ନା ଆଧାର୍‌ଥି ସେ ଇଲାକାମାନଙ୍କୁ ସବୁଦିନିଆ ରାସ୍ତା ତିଆର ଲାଗି ପଦକ୍ଷେପ୍ ନିଆଯାଉଛେ ।

ସେନ୍ତା ଗୃହନ ବିଧାୟକ୍ ଅରୁଣ ସାହୁଙ୍କର୍ ପ୍ରଶ୍ନ ଉତର ଦେଇକରି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍, କେନ୍ଦ୍ର ସରକାରଙ୍କର

ଜଲ୍‌ଜୀବନ୍ ମିଶନ୍ ଯୋଜ୍‌ନାର ଜରିଏ ଗାଁ ଇଲାକାନ ଝନ୍ ପିଛା ଦିନ୍‌କର ପିଇବାର୍ ପାଏନ୍ ଯୁଗାବାର ହାର ୫୫ ଲିଟର୍ ଧାରିଜ୍ କରାଯାଇଥିଲା ବେଲ୍‌କେ ରାଏଜେ ଇତାକେ ୭୦ ଲିଟର୍ କର୍‌ବାର୍‌କେ ଯୋଜ୍‌ନା କରାଯାଉଛେ । ଇତାର ସହେତେ ଗାଁ ଇଲାକାନ ରହୁଥିବା ଲୁକ୍‌କର ଲାଗି ପିଇବାର୍ ପାଏନ୍ ଆବଶ୍ୟକ୍‌ତାକେ ପୁରା କର୍‌ବାର୍‌କେ ଭିନ୍ ଭିନ୍ ଜାଗାନ ନଲ୍‌କୁଅାଁ ଆଉ ସୌର ଚାଳିତ୍ ନଲ୍‌କୁଆ ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ କହିଛନ୍ ।

## ବିଧାନ ସଭା-ବଜେଟ୍ ଖର୍ଚ୍ଚା-ମୁଖ୍ୟମନ୍ତ୍ରୀ ହି.ସ

ରାଜ୍ୟ ସର୍‌କାରଙ୍କର ଇ ଆର୍ଥିକ୍ ବଛରେ ୧୦ଟା ବିଭାଗ୍‌ର ଖର୍ଚ୍ଚା ୫୦ ପ୍ରତିଶତ୍ କମ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ବିଧାନ ସଭାନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବିପର୍ଯ୍ୟୟ ପରିଚାଲ୍‌ନା ବିଭାଗ୍‌ର ଖର୍ଚ୍ଚା ଫେବୃୟାରୀ ମାସ୍ ଶେଷ୍‌ତକ୍ ସବୁନୁ କମ୍ ୧୪ ପ୍ରତିଶତ୍ ହେଇଥିବା ବେଲ୍‌କେ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ୨୨ ପ୍ରତିଶତ୍, ଇସ୍ପାତ୍, ଖଣି ଆଉ ମିଶନ୍ ଶକ୍ତି ବିଭାଗ୍ ୨୪ ପ୍ରତିଶତ୍ ଅର୍ଥ ଖର୍ଚ୍ଚା କରିଛନ୍ । ଇ ଆର୍ଥିକ୍ ବଛରେ ନିର୍ବାଚନ୍ ଆଉ ବଜେଟ୍ ଉପସ୍ଥାପନ୍‌ଥି ଡେରି ହେଇଥିବାନୁ କମ୍

ସମିଆ ଭିତ୍‌ରେ ବିଭାଗ୍‌ମାନ୍ ଖର୍ଚ୍ଚା ନାଇ କରି ପାରି ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବିଧାନ ସଭା   କଟକ

ମୋ ବସ୍ ଗାଡ଼ି ଦୁର୍ଘଟନାଥି ଭିନ୍ ଭିନ୍ ଇଲାକାନ ୧୬ ଝନ୍‌କର ଜୀବନ୍ ଯାଇଛେ ବଲି ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ବିଧାନସଭାନ ବିଧାୟକ୍ ଅନନ୍ତ ନାରାୟଣ ଜେନାଙ୍କର ପ୍ରଶ୍ନ ଉତରଥି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍, ଦୁର୍ଘଟନା ରୁକ୍‌ବାର୍ ଲାଗି ବସ୍‌ମାନ୍‌କର ଘଂଟାପ୍ରତି ବେଗ୍ ଧାରଜ୍ କରାଯାଇଛେ । କ୍ଲଟ୍ ଜରିଏ ୨୦୧୯ ବଛରୁ ଇହାଦେ ତକ୍ ଦୁର୍ଘଟନାଥି ଜୀବନ୍ ଯାଇଥିବା ଲୁକ୍‌କର୍ ପରିବାରକେ ପାଖାପାଖି ୨ କୋଟି ୯୫ ଲାଖ୍ ଟଙ୍କା ବୀମା ପଲିସି ବାବ୍‌ଦେ ସାହାଜ୍ ଦିଆଯାଇଛେ ।

ବିଧାନ ସଭା ରାସ୍ତା ଘାଟ୍       ହି.ସ.

୨୦୨୩-୨୪ ଆର୍ଥିକ୍ ବଛ୍‌ରେ ୪୦ଟା ରାସ୍ତା ଆଉ ୨ଟା ସେତୁ ତିଆରି ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ । ବିଧାନ ସଭା ନ

ବିଧାୟକ ତାରାପ୍ରସାଦ ବାହିନୀ ପତିଙ୍କର ଗୁଟେ ପ୍ରଶ୍ନର୍ ଉତର ଥି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଯୋଜ୍ନାଥି ଇ ସବୁ ପ୍ରକଳ୍ପ କାମ ଅନୁମୋଦନ୍ ହେଇଛେ ଆଉ ଇହାଦେ ସେସବୁ କାମ୍ର ଟେଣ୍ଡର ପ୍ରକ୍ରିୟା ସରିକରି କାମ୍ ମୁଲ୍ ହେଇଛେ । ଇ ସବୁ କାମ୍ ଲାଗି ୨୦୨୪-୨୫ ଆର୍ଥିକ୍ ବଛରେ ଶହେ କୋଟି ଟଙ୍କା ବ୍ୟୟ ବରାଦ୍ ହେଇଛେ ଆର୍ ସେଥିର୍ ଭିତ୍ରେ ୮ କୋଟିନୁ ଅଏତ୍କା ଟଙ୍କା ଖର୍ଚ୍ଚା କରାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଲକ୍ଷପତି ଦିଦି କର୍ମଶାଳା ସମ୍ବଲପୁର/ନୂଆପଡ଼ା/ ବଲାଙ୍ଗୀର ସମ୍ବାଦଦାତା

ରାଜ୍ୟର ସବୁ ଜିଲ୍ଲାନ ଆଏଜ୍ଠାନୁ ଲକ୍ଷପତି ଦିଦି କର୍ମଶାଳା ମୁଲ୍ ହେଇଛେ । ତଲ୍ ସ୍ତରଥି ଅଏତ୍କାନୁ ଅଏତ୍କା ଲକ୍ଷପତି ଦିଦି ତିଆର୍ କର୍ବାର୍ ଲାଗି କର୍ମଶାଳାଥି ଆଲୋଚନା କରାଯାଇଛେ । ଇତାର୍ ସହେତେ ଭିନ୍ ଭିନ୍ ସରକାରୀ ବିଭାଗ୍ର ସହଭାଗିତାଥି ସମ୍ଭାବ୍ୟ ଲକ୍ଷପତି ଦିନିମାନଙ୍କର କ୍ଷମତା, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଆଉ ବ୍ୟବସାୟ ବଢ଼ାବାର୍ ବାଗିର୍ ଦିଗ ଉପ୍ରେ ବିଶେଷ ଧ୍ୟାନ ଦିଆଯାଉଛେ । ଇଥି ଫିଁ ଜିଲ୍ଲାର ଷ୍ଟିଅରିଂ କମିଟିର ସଦସ୍ୟ, କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ସମ୍ଭାବ୍ୟ ଲକ୍ଷପତି ଆଉ

ସଫଲ୍ ଲକ୍ଷପତି ଦିଦିମାନେ ଭାଗ୍ ନେଇଛନ୍ । କେନ୍ଦ୍ର ସରକାରଙ୍କର ସହଭାଗିତାଥି ରାଜ୍ୟ ସରକାର ଓଡ଼ିଶା ଜୀବିକା ମିଶନ୍ ଜରିଏ ଇ ଯୋଜ୍ନା କାର୍ଯ୍ୟକାରୀ କରୁଛନ୍ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଜିଲ୍ଲାସ୍ତରୀୟ କର୍ମଶାଳାମାନ୍କେ ଭିଡିଓ ଜରିଏ ବାର୍ତା ଦେଇଛନ୍ । ସେ କହିଛନ୍...

(ଭଏସ୍ ଓଭର୍- ପ୍ରଭାତି ପରିଡ଼ା)

ଇନ ଜନେଇ ଦିଆଯାଇପାରେ ଯେ ଆଏଜ୍ତକ୍ ଓଡ଼ିଶାନ ୮ ଲାଖ୍ନୁ ଅଏତ୍କା ଲକ୍ଷପତି ଦିଦି ତିଆର୍ ହେଇଛନ୍ । ଆକାଂକ୍ଷୀ ଆଉ ଆଦିବାସୀ ଜିଲ୍ଲାନ  ୧ଲାଖ୍ ୬୦ ହଜାରନୁ ଅଏତ୍କା ଲକ୍ଷପତି ଦିଦି ରହିଛନ୍ । ନୂଆ ଲକ୍ଷପତି ଦିଦି ମାନଙ୍କର୍ ପ୍ରଶିକ୍ଷଣ ଆଉ ବ୍ୟବସାୟର୍ ବିକାଶ- ବିଡିପି ଯୋଜ୍ନା ତିଆର୍ କରାଯାଇଛେ ।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନ ହେଇଥିବା ଲକ୍ଷପତି ଦିଦି କର୍ମଶାଳାଥି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଘର୍ ବିଧାୟକ୍ ନାଉରୀ ନାୟକ ଆଉ ଓଡ଼ିଶା ଜୀବିକା ମିଶନ୍ର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

ନୂଆପଡ଼ା ଜିଲ୍ଲା ସଦର ପୁରୁଣା ପୁଲିସ୍ ପଡ଼ିଆଠାନେ ହେଇଥିବା କର୍ମଶାଳାଥି ଜିଲ୍ଲାପାଳ ମଧୁସୂଦନ୍ ଦାସ ଯୋଗ୍ ଦେଇକରି କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କର ପ୍ରୋତ୍ସାହନ୍

ଟଙ୍କାକେ ଠିକ୍ ଭାବେ ବେଭାର୍ କରି କରି ବିକାଶ ଦିଗେ ଆଗ୍‌କେ ବଢ଼୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ସେନ୍ତା ବଲାଙ୍ଗୀର କୋଶଲ୍ କଳାମଣ୍ଡଳ ପଡ଼ିଆଠାନେ ହେଇଥିବା କର୍ମଶାଳାଥି ଜିଲ୍ଲାପାଳ ଗୌରବ୍ ଶିବାଜୀ ଇସଲ୍‌ୱାର୍ ଯୋଗ୍ ଦେଇକରି ଜିଲ୍ଲାନ ୫୦ ହଜାର ଲକ୍ଷପତି ଦିଦି ତିଆର୍ କର୍‌ବାର୍ ଲାଗି ପ୍ରଶାସନ୍ ତର୍‌ଫୁ ଯୋଜ୍‌ନା କରାଯାଉଛେ ବଲି କହିଛନ୍ । ଇହାଦେ ଜିଲ୍ଲାନ ୨୩ ହଜାର ଲକ୍ଷପତି ଦିଦି ଅଛନ୍ ବଲି ଜିଲ୍ଲାପାଳ ଇ ଅବ୍‌ସରେ ସୂଚ୍‌ନା ଦେଇଛନ୍ ।

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ଆର୍‌ଏନ୍‌ୟୁ/

ସମ୍ବଲପୁର/ଭୁବନେଶ୍ୱର ସମ୍ବାଦଦାତ

ଓଡ଼ିଆ ଭାଷାର୍ ଉନ୍ନତି ଆଉ ପ୍ରଚାର ପ୍ରସାର ଲାଗି ଆଏଜ୍ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ପାଳନ୍ କରାଯାଉଛେ । ଫି ବଛର୍ ମାର୍ଚ୍ଚ ୧୧ ତାରିଖ୍‌କେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ଭାବେ ରାଜ୍ୟ ସରକାର ପାଳନ୍ କରୁଛନ୍ । ଇ ଅବ୍‌ସରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍, ଗୌରବ୍‌ମୟ ସାହିତ୍ୟ ପରମ୍ପରା ରଖିଥିବା ଓଡ଼ିଆ ଭାଷାକେ ଶାସ୍ତ୍ରୀୟ ମାନ୍ୟତା ମିଲ୍‌ବାର୍‌ଟା ତାର୍ ଲାଗି ଉଚିତ୍ ସମ୍ମାନ୍ ଆଏ । ଭାଷା ସାହିତ୍ୟକେ ଆଏବା ପିଢ଼ିର୍ ଲାଗି ସୁରକ୍ଷିତ୍ ରଖ୍‌ବାର୍‌କେ

ଡିଜିଟାଲ୍‌କରଣ, କୃତ୍ରିମ ବୁଦ୍ଧିମତା ଆଉ ଭାଷାଗତ୍ ଗବେଷଣାକେ ଅପ୍‌ନାବାର୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ଇ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ୍ ଗଣମାଧ୍ୟମ ଜରିଏ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ ଆଏବା ଦିନେ ରାଜ୍ୟ ଜନଜାତୀୟ ଭାଷାକେ ନେଇକରି ଓଡ଼ିଆ-କୁଟିଆ-କୁଇ ଶବ୍ଦକୋଷ ତିଆର୍ କରାଯିବା ବଲି ଭାଷା ପ୍ରତିଷ୍ଠାନ୍ ତର୍‌ଫୁ କୁହାଯାଇଛେ । ଇତାର୍ ଛଡ଼ା ପୁର୍‌ନା କାବ୍ୟକୋଷ୍, ସାରଳା ଶବ୍ଦକୋଷ ଆଉ ଉତ୍କଳ ଭାଷା ଅଭିଧାନ ବନାବାର୍ କାମ୍ ତୁର୍‌ତି କରାଯିବା ବଲି ଓଡ଼ିଆ ଭାଷା ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଜାତୀୟ ଶିକ୍ଷାନୀତି ହି.ସ.

ରାଏଜେ ଖୁବ୍ ଜଲ୍‌ଦି ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ସେ କହିଛନ୍, ସରକାରୀ ସ୍ତର ନ ଇ ବାବ୍‌ଦେ ଆଲୋଚନା କରାଯାଉଛେ ଆଉ ଭିନ୍ ଭିନ୍ କାର୍ଯ୍ୟକ୍ରମ ଜରିଏ ଅଭିଭାବକ୍‌ମାନଙ୍କୁ ଜନାଯାଉଛେ । ସେନ୍ତା ଇ

ବାବ୍‌ଦେ ଶିକ୍ଷକ୍‌ମାନଙ୍କୁ ତାଲିମ୍ ତିଆୟାଉଛେ ବଲି ମନ୍ତ୍ରୀ କହିଛନ୍ ।

କୃଷି ମହିଲା ସମ୍ମିଳନୀ    ଭୁବନେଶ୍ୱର ସମ୍ବାଦଦାତା

କୃଷି ଅର୍ଥନୀତିକେ ବର୍‌କସ୍ କର୍‌ବାର ଦିଗେ ମହିଲାମାନଙ୍କର ଭାଗିଦାରି ବହୁତ୍ ଗୁରୁତ୍ୱପୂର୍ଣ୍ଣ ବଲି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ କହିଛନ୍ । ଭୁବନେଶ୍ୱରଠାନେ ଥିବା କେନ୍ଦ୍ରୀୟ କୃଷିରତ ମହିଲା ସଂସ୍ଥାନ୍-ସିଓ୍ୱାଠାନେ ହେଇଥିବା ତିନ୍‌ଦିନିଆ ଗୁଟେ ସମ୍ମିଳନୀର୍ ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍,ବିହନ୍ ବୁନ୍‌ବାର୍‌ନୁ ମୁଲ୍ କରି କରି ଘିନାବିକା ବ୍ୟବସ୍ଥାକେ ଆଗ୍‌କେ ବଢ଼ାବାର୍ ଲାଗି ମହିଲା ଚାଷୀମାନଙ୍କର ସିଧାସଳଖ୍ ଯୋଗ୍‌ଦାନ ରହିଛେ ।

ଚନ୍ଦ୍ରଗ୍ରହଣହି.ସ.

ଇ ବଛରର୍ ପହେଲା ଚନ୍ଦ୍ରଗହଣ ଆଏବା ୧୪ ତାରିଖ୍ ଦିନ ହେବା । ଇଟା ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା, ଉତର ଆଉ ଦକ୍ଷିଣ ଆଟ୍‌ଲାଂଟିକ୍ ମହାସାଗର୍ ଇଲାକାନ ଦେଖାଯିବା । ହେଲେ ଭାରତ୍ ନ ଦୃଶ୍ୟମାନ୍

ନାଇହୁଏ । ଭାରତୀୟ ସମିଆ ସଖାଲର ୧୦ ବାଜିକରି ୩୯ ମିନିଟ୍‌ଥି ଚନ୍ଦ୍ରଗ୍ରହଣ ମୁଲ୍ ହେଇକରି ଦୁଇପହରର ୨ ବାଜିକରି ୧୮ ମିନିଟ୍‌ଥି ଶେଷ୍ ହେବା । ଇ ସମିଆଥି ଜନ୍ ପଏରଛା ଲାଲ୍ ରଙ୍ଗର୍ ଦେଖାଯିବା ।

ସିଆର୍‌ପିଏଫ୍-ସିଲେଇ ତାଲିମ୍ କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲାର ସିକେରକୁପା ଠାନେ ଥିବା ସିଆର୍‌ପିଏଫ୍ ୬୪ ବାଟାଲିୟନ୍ ତର୍‌ଫୁ ୧୫ ଦିନିଆ ସିଲେଇ ତାଲିମ୍ କାର୍ଯ୍ୟକ୍ରମ ମୁଲ୍ ହେଇଯାଇଛେ । ଭବାନୀପାଟଣାର ମେସର୍ସ ଓଡ଼ିଶା ଆର୍ଟ ଆଣ୍ଡ କ୍ରାଫ୍ଟ ମିଶନ୍ ସହଯୋଗ୍‌ଥି ହେଇଥିବା ଇ କାର୍ଯ୍ୟକ୍ରମକେ ସମ୍ବଲପୁର ରେଞ୍ଜର ଡେପୁଟି ଇନ୍ସପେକ୍ଟର ଜେନେରୋଲ ଦଲୀପ କୁମାର ଅମ୍ବେଶ୍ ଉଦ୍‌ଘାଟନ୍ କରିଛନ୍ । ମାଓ ଇଲାକାନ ସୁରକ୍ଷା ବାହିନୀ ସେନର୍ ଲୋକ୍‌ମାନଙ୍କର୍ ଭିତ୍‌ରେ ସମ୍ପର୍କ ବଢ଼ାବାର୍ ସହେତେ ସେନର୍ ମହିଲାମାନଙ୍କର ଦକ୍ଷତା ବଢ଼ାବାର୍ ଦିଗେ ସାହାଜ୍ କର୍‌ବା ବଲି ଅତିଥିମାନେ ଇ ଅବ୍‌ସରେ କହିଛନ୍ ।